ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

# ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଅଚାନକ ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟ ଗସ୍ତ

ଭୁବନେଶ୍ୱର, ୧୫ ଫେବୃଆରୀ, ୨୦୨୦

କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ, ଉଚ୍ଚଶିକ୍ଷା ମନ୍ତ୍ରୀ ଡଃ ଅରୁଣ କୁମାର ସାହୁ ଆଜି ଅପରାହ୍ଣରେ ଅଚାନକ ସାକ୍ଷୀଗୋପାଳସ୍ଥିତ ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟ ଗସ୍ତ କରିଥିଲେ । ଏହି ଗସ୍ତ ସମୟରେ ମନ୍ତ୍ରୀ ଡ. ସାହୁ ଅଧ୍ୟାପକମାନଙ୍କ ଉପସ୍ଥାନ ଯାଞ୍ଚ କରବା ସହିତ କ୍ଲାସରୁମ୍ ବୁଲି ଛାତ୍ରଛାତ୍ରୀଙ୍କ ଉପସ୍ଥାନ ଦେଖିଥିଲେ ।

ଏହି ଅବସରରେ ମନ୍ତ୍ରୀ ଡ. ସାହୁ ପ୍ରୋକ୍ଟୋରିଆଲ୍ କ୍ଲାସ୍ ଏବଂ ମେଣ୍ଟରିଂ ଉପରେ ଗୁରୁତ୍ୱାରୋପ କରିବା ସହିତ ମହାବିଦ୍ୟାଳୟରେ ନିୟମିତ ପ୍ରୋକ୍ଟୋରିଆଲ୍ କ୍ଲାସ୍‌କୁ ସୁନିଶ୍ଚିତ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏଥି ସହିତ ମେଣ୍ଟର ଭାବରେ ଅଧ୍ୟାପକଅଧ୍ୟାପିକାମାନେ ଛାତ୍ରଛାତ୍ରୀମାନଙ୍କ ଦାୟିତ୍ୱ ନେବା ପାଇଁ କହିଥିଲେ । ଛାତ୍ରଛାତ୍ରୀ, ଅଭିଭାବକ ଓ ଅଧ୍ୟାପକଙ୍କ ମଧ୍ୟରେ ସମନ୍ୱୟ ରଖିବା ପାଇଁ ମହାବିଦ୍ୟାଳୟରେ ବିଭିନ୍ନ ହ୍ୱାଟସ୍ ଆପ୍ ଗ୍ରୁପ୍ ଗଠନ କରାଯାଇଥିବା ସମ୍ବନ୍ଧରେ ମନ୍ତ୍ରୀ ଡ. ସାହୁ ଅବଗତ ହୋଇଥିଲେ ।

ଯେଉଁଦିନ ଶିକ୍ଷକଟିଏ ଛାତ୍ରଛାତ୍ରୀଙ୍କୁ ତାଙ୍କ ନିଜ ପିଲା ବୋଲି ଭାବିବେ ସେଦିନ ଛାତ୍ରଛାତ୍ରୀ ମଧ୍ୟ ଶିକ୍ଷକମାନଙ୍କୁ ନିଜର ବାପାମା' ବୋଲି ଭାବିବେ ବୋଲି ମନ୍ତ୍ରୀ ଡ. ସାହୁ କହିଥିଲେ । ଅଧିକ ଛାତ୍ରଛାତ୍ରୀଙ୍କୁ ଲାଇବ୍ରେରୀ ସହ ସଂଶ୍ଳିଷ୍ଟ କରିବା ପାଇଁ ସେ ପରାମର୍ଶ ଦେଇଥିଲେ ଯଦ୍ୱାରା ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପଠନ ଅଭ୍ୟାସ ବୃଦ୍ଧି ପାଇବ ଏବଂ ସେମାନେ ଲାଇବ୍ରେରୀରେ ଉପଲବ୍ଧ ପୁସ୍ତକଗୁଡ଼ିକର ଉପଯୋଗ କରିପାରିବେ । ଏହି ଅବସରରେ ମନ୍ତ୍ରୀ ଡ. ସାହୁ ମହାବିଦ୍ୟାଳୟ ପରିସର ବୁଲି ଦେଖିଥିଲେ ଓ ଏହାର ଭିତ୍ତିଭୂମିକୁ ଦେଖି ସନ୍ତୋଷ ପ୍ରକାଶ କରିଥିଲେ ।

ତାପସ କୁମାର ସାହା
ସୂଚନା ଅଧିକାରୀ